# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 5 February – 2026

---

## ରାଷ୍ଟ୍ରପତି ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ଚତୁର୍ଥ ଦିନରେ ଆଜି ରାଇରଙ୍ଗପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବେ । ପରବର୍ତ୍ତୀ ସମୟରେ ଶ୍ରୀମତୀ ମୁର୍ମୁ ତାଙ୍କର ପୈତୃକ ଗ୍ରାମ ପାହାଡ଼ପୁର ଗସ୍ତ କରି ସେଠାରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ସହିତ କଥାବାର୍ତ୍ତା ହେବେ । ଅପରାହ୍ଣରେ ରାଷ୍ଟ୍ରପତି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

---

## ବ୍ଲାକ ସ୍ୱାନ୍ ସମିଟ୍

ବିକଶିତ ଭାରତର ପରିଯୋଜନାରେ କୃତ୍ରିମ ବୁଦ୍ଧିମତାକୁ ନେଇ ଭୁବନେଶ୍ୱରଠାରେ ଆଜିଠାରୁ ଦୁଇ ଦିନିଆ ବ୍ଲାକ ସ୍ୱାନ୍ ସମିଟ୍ ଇଣ୍ଡିଆ ଆରମ୍ଭ ହେଉଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଦେଶରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀ ଡିଜିଟାଲ ଏବଂ ଅର୍ଥନୈତିକ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ ବିଶାଳ କୁମାର ଦେବ କହିଛନ୍ତି। ଏଥିରେ ୨୪ଟି ଦେଶରୁ ୧ ହଜାର ୭୦୦ରୁ ଅଧିକ ପ୍ରତିନିଧି ଭାଗ ନେଉଛନ୍ତି ।

---

## ପରୀକ୍ଷା ପେ' ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଆସନ୍ତାକାଲି ପ୍ରସାରିତ ହେବ। ଏହାକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷର ଏହି ଭାବବିନିମୟ କାର୍ଯ୍ୟକ୍ରମ କୋଏମ୍ବାଟୁର, ଦେବମୋଗ୍ରା, ରାଏପୁର, ଗୌହାଟୀ ଏବଂ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ପରୀକ୍ଷା ପୂର୍ବରୁ ବିଦ୍ୟାର୍ଥୀ ଓ ଅଭିଭାବକମାନେ ଚାପମୁକ୍ତ, ଦୃଢ଼ ଆତ୍ମବିଶ୍ୱାସ, ମାନସିକ ସ୍ଥିରତା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର କାର୍ଯ୍ୟକାଳକୁ ଆଉ ୯ ମାସ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପତ୍ର ଲେଖିଛନ୍ତି । ଆସନ୍ତା ମାର୍ଚ୍ଚ ମାସ ୯ ତାରିଖରେ ମହାନଦୀ ଜଳବିବାଦର କାର୍ଯ୍ୟକାଳ ଶେଷ ହେଉଛି । ବର୍ତ୍ତମାନସୁଦ୍ଧା ଜଳବିବାଦର ସମାଧାନ ଦିଗରେ ଓଡ଼ିଶା ଓ ଛତିଶଗଡ ମଧ୍ୟରେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଦୁଇ ରାଜ୍ୟ ମଧ୍ୟରେ ଜଳ ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ର ସରକାର ହସ୍ତକ୍ଷେପ କରିବା ଗ୍ରହଣଯୋଗ୍ୟ ।

## ପ୍ରଭାତି ପରିଡ଼ା

ଗ୍ରାମାଞ୍ଚଳରେ ରହିଥିବା ପ୍ରମୁଖ ଆସ୍ଥାସ୍ଥଳୀଗୁଡ଼ିକୁ ବିକାଶସ୍ଥଳୀରେ ପରିଣତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ନିଆଳିର ଅଚିନା ଖେଳପଡ଼ିଆଠାରେ ଅଷ୍ଟସମ୍ଭୁ ପର୍ଯ୍ୟଟନ କରିଡର ପରିଯୋଜନାର

ଭିତ୍ତିପ୍ରସ୍ତର ସ୍ଥାପନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ନିଆଳି ଏକ ସ୍ୱତନ୍ତ୍ର ସ୍ଥାନ ପାଇବ। ଏଥିସହ ପ୍ରାଚୀନଦୀର ପୁନଃରୁଦ୍ଧାର କରାଯାଇ ଏହାକୁ ଚିରସ୍ରୋତା ନଦୀରେ ପରିଣତ କରିବା ଦିଗରେ ଖୁବ୍‌ଶୀଘ୍ର ସରକାର କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି ।

# କୃଷି ଯନ୍ତ୍ରପାତି ମେଳା

ବଲାଙ୍ଗିର ସହରର କୋଶଳ କଳା ମଣ୍ଡପ ପଡ଼ିଆଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ତଥା କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାନ୍ତ୍ରିକ ଯୁଗରେ କୃଷି ଯନ୍ତ୍ରପାତିର ସହାୟତା ନେଇ ଚାଷକାର୍ଯ୍ୟକୁ ଆଗେଇ ନେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଅନୁ ଗର୍ଗ-ଜାଗର

ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିକାନ୍ତି, ପୂଜାବିଧି ଓ ଦର୍ଶନ ନେଇ ଭୁବନେଶ୍ୱରର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେବାୟତ, ନିଜୋଗ ସମୂହ ଓ ପ୍ରଶାସନ ମଧ୍ୟରେ ବିବାଦ ଦେଖାଦେଉଥିବା ଯୋଗୁଁ ମହାପ୍ରଭୁଙ୍କ ସେବାରେ ସୃଷ୍ଟି ହେଉଥିବା ବ୍ୟାହତକୁ ଦୂର କରି ସୁଚାରୁରୂପେ ଶୃଙ୍ଖଳିତ ନୀତି ଓ ପୂଜାବିଧି କରିବା ପାଇଁ ମୁଖ୍ୟ ଶାସନ ସଚିବ  ପରାମର୍ଶ ଦେଇଥିଲେ । ଆସନ୍ତା ୧୫ ତାରିଖ ଦିନ ଶିବରାତ୍ରି ଓ ଜାଗର ଉତ୍ସବକୁ ଶୃଙ୍ଖଳିତ ଭାବେ ସମାପନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା  ।

# ମାଣ୍ଡିଆ ଶିବିର

ନବରଙ୍ଗଲ ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡଗୁଡା ଗ୍ରାମରେ ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ବ୍ଲକସ୍ତରୀୟ ମାଣ୍ଡିଆ ଶିବିର ଆରମ୍ଭ ହୋଇଛି । ଚଳିତ ଖରିଫ ଋତୁରେ ତେନ୍ତୁଳିଖୁଣ୍ଟି ବ୍ଲକର ୯୭୦ଜଣ ଚାଷୀ ମାଣ୍ଡିଆ ବିକିବା ପାଇଁ ନାମ ପଞ୍ଜିକରଣ କରିଛନ୍ତି । ପ୍ରାୟ ୪ହଜାର କ୍ୱିଣ୍ଟାଲ ମାଣ୍ଡିଆ କିଣିବା ନେଇ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ନନ୍ଦାହାଣ୍ଡି ବ୍ଲକର ୬୦୦ଜଣ ଚାଷୀଙ୍କଠାରୁ ୨ହଜାର ୭୦୦ କିଲୋ ମାଣ୍ଡିଆ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । କ୍ୱିଣ୍ଟାଲ ପିଛା ମାଣ୍ଡିଆର ଦାମ୍ ୪ହଜାର ୮୮୬ ଟଙ୍କାରେ କ୍ରୟ ପାଇଁ ସରକାର ସ୍ଥିର କରିଛନ୍ତି ।

# ଶିଶିର ମହୋତ୍ସବ

ଜି.ଉଦୟଗିରି ମିନି ଷ୍ଟାଡିୟମରେ ଚାଲିଥିବା ତୁଷାର ଶିଶିର ମହୋତ୍ସବର ଦ୍ୱିତୀୟ ସଂଧ୍ୟାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଯୋଗଦେଇ ମୁଖପତ୍ରକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଏହି ମହୋତ୍ସବ ସ୍ଥାନୀୟ ଅଞ୍ଚଳର ବିକାଶ, ଭାଇଚାରାର ସମ୍ପ୍ରସାରଣ ଏବଂ ଜନସାଧାରଣଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

# ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରିର ମାଲ୍ୟବନ୍ତ ମହୋତ୍ସବ ସ୍ଥାନୀୟ ଜନସାଧାରଣଙ୍କ ଜୀବନଯାତ୍ରାର ଅଙ୍ଗ ପାଲଟିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସଦର ମହକୁମାର ଡି.ଏନ୍.କେ ଖେଳପଡ଼ିଆଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ

ପଲ୍ଲିଶ୍ରୀ ମେଳାର ଚତୁର୍ଥ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଗଣ୍ଡ କହିଛନ୍ତି, ମାଲକାନଗିରି ଜିଲ୍ଲାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାରେ ୧୧୬କୋଟି ଟଙ୍କା ବ୍ୟୟରେ ୪୮ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରବାସ ନିର୍ମାଣ କରାଯାଇଛି ।